# ସତରେ ଏବେ କିଏ ନିର୍ଯ୍ୟାତିତ ?

ନାରୀ ନିର୍ଯ୍ୟାତନାର କଥା ଏବେ ଯେଉଁ ପ୍ରକାର ପ୍ରକାଶିତ ହେଉଛି, ତାହା ବାସ୍ତବିକ ଚିନ୍ତାର କାରଣ । ଦୋଷୀମାନେ ଦଣ୍ଡ ପାଉଥିବା /ନଥିବା ନେଇ ବି ଢ଼େର ଢ଼େର ଆଲୋଚନା, ମତ-ମନ୍ତବ୍ୟ ଶୁଣିବାକୁ ମିଳୁଛି । ଏଇ ନିକଟ ଅତୀତରେ ମହିଳା -ସପକ୍ଷ ଘରୋଇ ହିଂସା ପ୍ରତିରୋଧ ଆଇନ / ମହିଳା ସୁରକ୍ଷା ନିଶ୍ଚିତକାରୀ କଡା ଆଇନ୍ ସବୁ ପ୍ରଣିତ ହୋଇ ପ୍ରୟୋଗରେ ଆସିଛନ୍ତି । ଏ ବିଷୟକ ଅଦାଲତି ତତ୍‌ପରତା ମଧ୍ୟ କିଛି ବଢ଼ିଛି । ଆଉ ସତେ ଯେମିତି ଏ ଆୟୋଜନକୁ ପରିହାସ କରି ମହିଳା- ନିର୍ଯ୍ୟାତନା ଅଭିଯୋଗମାନ ମଧ୍ୟ ବଢ଼ିଛି । କି ବିଡମ୍ବନା, ଦଣ୍ଡାଦେଶ ମଧ୍ୟ ଅନୁପାତିକ ଭାବେ କମ୍।

ମନେହୁଏ, ଦୋଷୀ କମ୍ ଏବଂ ବେଶି ନିର୍ଦ୍ଦୋଷ ଏ ଆଇନ୍‌ର ପରିଧି ଭିତରେ ପଡି କଷ୍ଟ ପାଉଛନ୍ତି । ଉଚ୍ଚାକାଂକ୍ଷୀ ମହିଳାଙ୍କ ହାତରେ ଏ ଅସ୍ତ୍ର ବେଶ୍ ଏକ ପୁରୁଷ-ତାଡନ ଯନ୍ତ୍ରଭାବେ ବ୍ୟବହାରରେ ଲାଗୁଛି । ଏପରିକି ଏବେକାର ବଳାତ୍କାର ନିରୋଧ / ପ୍ରତିହତ ପାଇଁ ଆଇନଟିର ବେଶ୍ ଦୁରୁପଯୋଗ ହେଉଛି ବୋଲି ମାନ୍ୟବର ଦିଲ୍ଲୀ ହାଇକୋର୍ଟ ଏକ ରାୟରେ ଉଲ୍ଲେଖ କରିଛନ୍ତି । ଇଚ୍ଛାକୃତ ଭାବେ ପୁରୁଷ ସହ ବନ୍ଧୁତା, ସହକର୍ମ ତଥା ସହ-ଜୀବନକୁ ଗ୍ରହଣ କରିନେଇଥିବା ମହିଳାଟି ସାମାନ୍ୟ କଥାରେ ଆଇନ୍‌ଟିକୁ ମାଧ୍ୟମ କରି ପୁରୁଷଟିକୁ ଅପରାଧି କରି ଅଦାଲତି କାଠଗଡା / ହାଜତ ଭିତରକୁ ଠେଲି ଦେଇପାରୁଛି । ଅନେକ କ୍ଷେତ୍ରରେ ତ 'ପୁରୁଷ ଅସହାୟତା' ବଢ଼ାଇବାରେ ଆଇନ୍‌ଟିର ସହଯୋଗ ମିଳିଗଲାଭଳି ସ୍ଥିତି ଦେଖାଯାଉଛି । ଆଉ ଜୀବନ / ସଭ୍ୟତା ତଥା ଜଗତନ୍ୟାୟ ଦୃଷ୍ଟିରୁ ଆଇନ ବା ନ୍ୟାୟ ହିଁ ଈଶ୍ୱର ; ଯିଏ ହୁଏତ ଶହେ ଦୋଷୀକୁ ମାଫ୍ କରିଦେପାରନ୍ତି, କିନ୍ତୁ ଜଣେ ବି ନିର୍ଦ୍ଦୋଷକୁ ଦଣ୍ଡିତ କରିବାକୁ ଚାହାନ୍ତି ନାହିଁ ।

ମାତ୍ର 'ଆରୋପି' ପୁରୁଷଟି ଦୋଷୀ / ନିର୍ଦ୍ଦୋଷ ବିଚାର ହେବାପର୍ଯ୍ୟନ୍ତ କଥା ନ ଥାଏ । ଅଭିଯୋଗର ତୁରନ୍ତ ପଶ୍ଚାତ୍ ପୋଲିସ୍ ଧରା, ଏପରିକି ବନ୍ଧା ହୋଇ ପୁରୁଷଟି ଜେଲ୍ ଚାଲିଯାଏ । ଆଉ ଚାଲିଯାଏ ତା ମାନ ସମ୍ମାନ, ସମୟ ଓ ପରିଚୟ; ସମୟ କଟେ ଜେଲ୍‌ର କାଳ କୋଠରୀରେ, ଆଉ ପରିଚୟ ହୋଇଯାଏ ଅସାମାଜିକ ଅପରାଧି । ଆଉ ଆଜିର ଜାଗ୍ରତ ବହୁବ୍ୟାପ୍ତ ଗଣମାଧ୍ୟମ ଏହି ମହିଳା ସଂପର୍କିତ କେସ୍‌ଷ୍ଟୋରୀ ଗୁଡିକୁ ବିଶେଷ ପ୍ରାଥମିକତା ଦେଇ ପ୍ରସାରିତ କରନ୍ତି । ଅନ୍ୟ ପକ୍ଷରେ ନିର୍ଦ୍ଦୋଷ ଘୋଷିତ ହେବା ଲୋକଟି ବିଷୟରେ ପ୍ରାୟ କିଛି ହେଲେ ପ୍ରସାରିତ କରନ୍ତି ନାହିଁ ।

ଏଇ ନିକଟରେ ଦିଲ୍ଲୀର ଏକ ଫାଷ୍ଟ୍ ଟ୍ରାକ୍ କୋର୍ଟ ଏପରି ଏକ ମାମଲାର ବିଚାର କରି 'ଆରୋପି'କୁ ନିର୍ଦ୍ଦୋଷ ଘୋଷଣା କରିବା କାଳରେ ତାଙ୍କର ଉପଯୁକ୍ତ ଥଇଥାନ ପାଇଁ ସ୍ୱରାଷ୍ଟ୍ର ସଚିବ, ଆଇନ ମନ୍ତ୍ରଣାଳୟ ଓ ଆଇନ୍ କମିଶନ୍ ଅଧ୍ୟକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏପରିକି ନିର୍ଦ୍ଦୋଷ ଜଣକ ଜେଲ୍‌ରୁ ଫେରିବା ପରେ ଶାନ୍ତ ରହି ମୁଖ୍ୟ ସମାଜସ୍ରୋତରେ ସାମିଲ ହେବାରେ ଯଥା ସହଯୋଗ କରିବାପାଇଁ ନିର୍ଦ୍ଦେଶ ମଧ୍ୟ ଦେଇଛନ୍ତି ।

ମୋଟରେ, ମହିଳା ସୁରକ୍ଷା ଓ ମଙ୍ଗଳପାଇଁ ଉଦ୍ଦିଷ୍ଟ ଆଇନ୍‌ଟିର ଅପବ୍ୟବହାର ରୋକିବା ଦିଗରେ ଏକ ନାଗରିକୀ ଚେତନା ସୃଷ୍ଟି କରିବାର ଆବଶ୍ୟକତା ଅଛି । ଏ ପ୍ରକାର ମାମଲାରେ ଅନ୍ୟାୟରେ କ୍ଷତିଗ୍ରସ୍ତ ହୋଇଥିବା ନିର୍ଦ୍ଦୋଷ ବ୍ୟକ୍ତିଙ୍କୁ ଆପଣ ନିଜର ସମର୍ଥନ ଦେଇ ତାଙ୍କର ହତାଶା ଓ ବେଦନାକୁ ଲାଘବ କରିପାରନ୍ତି ; ଯାହା ଏକ ସ୍ଥାନୀୟ କ୍ରିୟା ହେବ । ରାଷ୍ଟ୍ରୀୟ ସ୍ତରରେ ଅଧିକ ତଥା ବ୍ୟାପକ ବିଚାରଣା ପାଇଁ ମଧ୍ୟ ଏକ ପ୍ରକ୍ରିୟାରେ ଆପଣଙ୍କ ଯୋଗଦାନ ସମୟୋଚିତ ଓ ବିହିତ ହେବ । ଏଇ ପଦ୍ଧତିଟି ଆପଣଙ୍କ ମନୋମତ ହେଲେ ଆପଣ ଭାରତର ମହାମହିମ ରାଷ୍ଟ୍ରପତିଙ୍କୁ ସହୃଦୟତାର ସହ ନାରୀ ସପକ୍ଷ ଆଇନ ଗୁଡିକର ପୁନର୍ବିଚାର କରିବାପାଇଁ ( ଏବଂ ଏହାଦ୍ୱାରା ନାରୀ-ପୁରୁଷ ସମାନତାରେ ଥିବା ବାଧକ ବ୍ୟବସ୍ଥାକୁ ଦୂରକରିବା ପାଇଁ) ନିବେଦନ କରିବେ ବୋଲି ଅନୁରୋଧ। ନାରୀ-ପୁରୁଷ ନିର୍ବିଶେଷରେ "ସମାନ ନାଗରିକତା, ସମାନ ମନୁଷ୍ୟତା ଏବଂ ସମାନ ନ୍ୟାୟ"ର ପ୍ରତିଷ୍ଠା ଓ ପାଳନରେ ଆପଣଙ୍କର ଯୋଗଦାନ ରହିବ ବୋଲି ଆଶାକରେ ।

ଆପଣଙ୍କ ସହାୟତା ଅଭିଳାଷୀ

ବ୍ୟୋମକେଶ ତ୍ରିପାଠୀ, ଆଇନଜୀବୀ

Qr. No. MIG-II, 88/5, C.S.Pur, H.B.Colony,
Phase-I, BBSR-16 ,Odisha
Ph: 9437164399,

Mail: tbyomakesh@gmail.com